ODM EDUCATIONAL GROUP
Changing your Tomorrow

- CLASS: V
- SUBJECT : ଓଡିଆ
- CHAPTER NAME : ପାଠ- ୧୩ ଉତ୍କଳପୁତ୍ର ପ୍ୟାରୀମୋହନ
- 
- SUBTOPIC : ବିଷୟ ପଠନ ଓ ଲେଖକ ପରିଚୟ
- 

CHANGING YOUR TOMORROW



ପ୍ୟାରୀମୋହନ ଆଚାର୍ଯ୍ୟ ୧୮୫୧-୧୮୮୧

Edit with WPS Office

ODM EDUCATIONAL GROUP
Changing your Tomorrow

AJLGB2

# ଉତ୍କଳପୁତ୍ର ପ୍ୟାରୀମୋହନ

ଡ. ଭ୍ରମରବର ସାମଲ




ଆଜକୁ ପ୍ରାୟ ଶହେ ବର୍ଷ ତଳର କଥା । ସେକାଳର ଗୋଟିଏ ପତ୍ରିକାରେ 'ଦରଖାସ୍ତ କୁତିଆନ୍' ଅର୍ଥାତ୍ "ଢୋଡାମାନଙ୍କର ନିବେଦନ" ନାମରେ ବ୍ୟଙ୍ଗାତ୍ମକ ଲେଖାଟିଏ ପ୍ରକାଶ ପାଇଲା । ଏହା କଟକ ସହରର ଆବର୍ଜନାପୂର୍ଣ୍ଣ ଅପରିଷ୍କୃତ ରାସ୍ତାକୁ ଲକ୍ଷ୍ୟ କରି ଲେଖାଯାଇଥିଲା । ସେତେବେଳେ ଇଂରେଜମାନେ ଥିଲେ ଏ ଦେଶର ଶାସନକର୍ତ୍ତା । ସେମାନଙ୍କ ମଧ୍ୟରେ ଏହି ଲେଖାଟି ପ୍ରତିକ୍ରିୟା ସୃଷ୍ଟି କଲା । ତତ୍‌କାଳୀନ ଜିଲା ମାଜିଷ୍ଟ୍ରେଟ୍ ଏଡରିଙ୍ଗ୍ ସାହେବ ଅତ୍ୟଧିକ ଭାବରେ ରାଗିଗଲେ । ଲେଖାଟିର ପ୍ରକୃତ ଲେଖକ କିଏ ବୋଲି ଖୋଜା ଚାଲିଲା । ଜଣାପଡ଼ିଲା ଯେ ଲେଖକ ଜଣକ ହେଉଛି କଟକ କଲେଜର ଦ୍ୱିତୀୟ ବାର୍ଷିକ ଶ୍ରେଣୀର ଜଣେ ଛାତ୍ର । ସେହି କଲେଜରେ ଅଧ୍ୟକ୍ଷ ଥିଲେ ଚଣ୍ଡୀଚରଣ ବାବୁ । ତାଙ୍କୁ ସରକାରୀ ନିର୍ଦ୍ଦେଶ ଦିଆଗଲା ଉକ୍ତ ଛାତ୍ରକୁ କଲେଜରୁ ବହିଷ୍କାର କରିଦେବାପାଇଁ । ଚଣ୍ଡୀଚରଣ ବାବୁ ପିଲାଟିକୁ ନିଜ ଅଫିସକୁ ଡକାଇ କ୍ଷମା ମାଗିବାପାଇଁ ପରାମର୍ଶ ଦେଲେ; କିନ୍ତୁ ସ୍ୱାଧୀନଚେତା ନିର୍ଭୀକ ଛାତ୍ରଟି ଏଥିରେ ସମ୍ମତ ହେଲା ନାହିଁ । ସେ ଦୃଢ଼ କଣ୍ଠରେ କହିଲା, "ସାର୍ ! ଯାହା ଲେଖାଯାଇଛି ତାହା ଅକ୍ଷରେଅକ୍ଷରେ ସତ୍ୟ । ମୁଁ ଏପରି ଏକ ସତ୍ୟ ଘଟଣା ପ୍ରକାଶ କରି କିଛି ଭୁଲ୍ କରିନାହିଁ । ମୋ ପକ୍ଷରେ ଏପରି ଅନ୍ୟାୟ କ୍ଷମା ପ୍ରାର୍ଥନା କରିବା ସମ୍ଭବ ନୁହେଁ ।" ପିଲାଟିର ଏପରି ଦୃଢ଼ ମନୋଭାବ ହେତୁ ଶେଷରେ ସେ କଲେଜରୁ ବହିଷ୍କୃତ ହେଲା । ଦୃଢ଼ମନା ବ୍ୟକ୍ତି ନିଜ ସିଦ୍ଧାନ୍ତରେ ଅଟଳ ରହି ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥା'ନ୍ତି; କିନ୍ତୁ ସେହି ଦୃଢ଼ତା ହିଁ ତାଙ୍କୁ ପରିଶେଷରେ ଅପୂର୍ବ ସାଫଲ୍ୟ ଆଣି ଦେଇଥାଏ ।

ଏହି ଦୃଢ଼ମନା ଛାତ୍ରଜଣକ ହେଉଛନ୍ତି ଉତ୍କଳର ବରପୁତ୍ର ପ୍ୟାରୀମୋହନ ଆଚାର୍ଯ୍ୟ । ସରକାରୀ ଶିକ୍ଷାନୁଷ୍ଠାନର ମନପୂତି ନୀତି ଯୋଗୁଁ ସେ କଲେଜରୁ ବହିଷ୍କୃତ ହେବାରୁ ତାଙ୍କ ମନରେ ଘୋର ବିତୃଷ୍ଣା ଜାତ ହେଲା । ସେ ସଂକଳ୍ପ କଲେ ଯେ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଠନ କରିବେ । ସେ ସତ କହିବାରୁ ତାଙ୍କ ଜୀବନରେ ଯାହା ଘଟିଲା, ଏହା କୌଣସି ସ୍ୱାଧୀନ, ମୁକ୍ତିକାମୀ ମଣିଷର ଭାଗ୍ୟରେ ନ

Edit with WPS Office

ODM
EDUCATIONAL GROUP
Changing your Tomorrow

Edit with WPS Office

ODM EDUCATIONAL GROUP
Changing your Tomorrow

ପ୍ୟାରୀମୋହନ ଏକ ଆଦର୍ଶ ନୀତିମୟ ଜୀବନ ଯାପନ କରୁଥିଲେ। ପ୍ରଲୋଭନଠାରୁ ସେ ଥିଲେ ବହୁ ଦୂରରେ । ଇଂରେଜ ସରକାରଙ୍କଦ୍ୱାରା ସେ ଡେପୁଟି ମାଜିଷ୍ଟ୍ରେଟ୍‌ଭାବେ ଏକ ନିଯୁକ୍ତି ପାଇଥିଲେ; କିନ୍ତୁ ସ୍ୱାଧୀନଚେତା ପ୍ୟାରୀମୋହନ ତାକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । "ସରକାର ମୋତେ ଯଦି ଇଂରେଜ ବଡ଼ଲାଟ୍ ପଦବୀ ଦିଅନ୍ତି ତାକୁ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ ।" କି ନିଃସ୍ୱାର୍ଥ ଓ ତ୍ୟାଗପୂତ ଜୀବନ ! ଏହା କ'ଣ ସାଧାରଣ ମଣିଷ ପକ୍ଷରେ ସମ୍ଭବ ହୋଇପାରେ !

ଏହି ମହାନ୍ ତ୍ୟାଗୀ ପୁରୁଷଙ୍କର ଜନ୍ମ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ପଶୁଲଣ୍ଡା ଗ୍ରାମରେ ୧୮୫୨ ମସିହା ଅଗଷ୍ଟ ମାସ ୫ ତାରିଖରେ ହୋଇଥିଲା । ମାତ୍ର ୩୦ ବର୍ଷ ବୟସରେ ୧୮୮୧ ମସିହା ଡିସେମ୍ବର ୨୮ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।

ପ୍ୟାରୀମୋହନ ଥିଲେ ପିତାମାତାଙ୍କର ସୁଯୋଗ୍ୟ ସନ୍ତାନ। ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍କଳବାସୀଙ୍କର ସେବାପାଇଁ ଥିଲା ଅଭିପ୍ରେତ। ସେ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଯାହା କରିଗଲେ, ତାହା ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେଥିପାଇଁ ଗୋପବନ୍ଧୁଙ୍କର ନିମ୍ନୋକ୍ତ ପଦଟି ପ୍ୟାରୀମୋହନଙ୍କ ପ୍ରତି ପ୍ରଯୁଜ୍ୟ।




"ମାନବ ଜୀବନ
ନୁହଁଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ,

କର୍ମେ ଜୀଏଁନର
କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।"

Edit with WPS Office

# ଲେଖକ ପରିଚୟ

ODM EDUCATIONAL GROUP
Changing your Tomorrow

ଡକ୍ଟର ଭ୍ରମରବର ସାମଲ - ୧୯୩୭ ମସିହା ଅକ୍ଟୋବର ୧୦ ଜନ୍ମ ଓ ୨୦୧୩ ମସିହା ମେ ମାସ ୧୯ ତାରିଖରେ ମୃତ୍ୟୁ

ଲିଖିତ ପୁସ୍ତକ- ବିଦେଶୀ କାହାଣୀମାଳା, ନୀଳପାହାଡ଼, ପିଲାଙ୍କ ଦୂର ଦେଶ କଥା, ପଥର ଯୁଗର ମଣିଷ, ଗାଁ ଆମର ସରଗ ପୁର, ଶିଖରଚଣ୍ଡୀ ଓ ସାପୁଆ କେଳା ।

Edit with WPS Office

ODM EDUCATIONAL GROUP
Changing your Tomorrow

# THANKING YOU
# ODM EDUCATIONAL GROUP

Edit with WPS Office